Chapter- 1

# ବାଜିରାଉତ

STUDY NOTES

## MIND MAP



କବି ସଚ୍ଚିଦାନନ୍ଦ ରାଉତରାୟ ଓଡ଼ିଆ କବିତା ରାଜ୍ୟରେ ଜଣେ ଜଣାଶୁଣା ସାହିତ୍ୟିକ ଭାବେ ମର୍ଯ୍ୟାଦା ଲାଭ କରିଛନ୍ତି। କବି ଖୋର୍ଦ୍ଧା ନିକଟବର୍ତ୍ତୀ ଗୁରୁଜଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ପ୍ରସନ୍ନ କୁମାର ରାଉତରାୟ ଓ ମାତା ଥିଲେ ମୁକ୍ତା ଦେବୀ । ତାଙ୍କ ଦ୍ୱାରା ରଚିତ ବାଜିରାଉତଙ୍କ କବିତାଟି ଦେଶପ୍ରେମର ଏକ ଉଦାହରଣ । ମାତ୍ର ୧୨ ବର୍ଷର ନାଉରୀ ପିଲା ସେ । ଢ଼େଙ୍କାନାଳ ଜିଲ୍ଲା ଅନ୍ତର୍ଗତ ନୀଳକଣ୍ଠପୁର ଗାଁର ଜଣେ ଗରିବ ଖଣ୍ଡାୟତ ସନ୍ତାନ । ୧୯୩୮ ମସିହାର ଗଡ଼ଜାତ ପ୍ରଜା ଆନ୍ଦୋଳନ ବେଳେ ସାହି ଭାଇମାନଙ୍କ ନିଷ୍ପତ୍ତିକ୍ରମେ ତା ଉପରେ ପଡ଼ିଥିଲା ବ୍ରାହ୍ମଣୀ ନଦୀ ଘାଟ ଜଗିବାର ଦାୟିତ୍ୱ । ବ୍ରିଟିଶ ଫୌଜଙ୍କୁ ନଦୀପାର କରାଇ ନ ଦେବାରୁ ସେମାନଙ୍କ ଗୁଳିଚୋଟରେ ସେ ସହିଦ ହେଲା । ଧୂଳିଖେଳ ଖେଳୁଥିବା ନାଉରିପିଲା ହୋଇ ମଧ୍ୟ ସେ ଅନନ୍ୟ ସାହସିକତା ପ୍ରଦର୍ଶନ କରି ଇଂରେଜ ଫୌଜକୁ ନଦୀ ପାରିକରାଇ ନ ଦେବାରୁ ସେମାନଙ୍କ ଗୁଳିଚୋଟରେ ସହିଦ ହେଲା । ବୀର ବାଜିରାଉତ ନିଜର ଅପୂର୍ବ ସାହାସିକତା କର୍ତ୍ତବ୍ୟରେ ନିଷ୍ଠାପରତା ପ୍ରଦର୍ଶନ କରି ତାର ଅମୂଲ୍ୟ ଜୀବନକୁ ଦେବା ପାଇଁ ଯେପରିଭାବେ ଉତ୍ସର୍ଗ କରିଗଲା, ସେଥିପାଇଁ ସେ ଇତିହାସରେ ଚିର ଅମର ହୋଇରହିଗଲା । ସେଥିପାଇଁ ତାଙ୍କୁ ବାଳୁତ ବୀର ବୋଲି କୁହାଯାଇଛି । ତେଣୁ ବୀର ସବୁବେଳେ ବୀର । ତାର ମରଣକୁ ଭୟ ନ ଥାଏ । ଦେଶର ଶତ୍ରୁକୁ ଦମନ କରିବା ସହ ଭାରତମାଆ ମନରେ କେବେ ଦୁଃଖ ଦେବା ନାହିଁ ।